# Akashvani, Sambalpur

## SAMBALPURI NEWS BULLETIN

### 15 April 2024- 6.47- 6.52 am.

***********************************************

ଆଂଟି ଟେଙ୍କ ମିଶାଇଲ୍ ପରୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍- ଡିଆର୍‌ଡିଓ ଆଉ ଭାରତୀୟ ସେନାର ମିଲିତ୍ ଉଦ୍ୟମ୍‌ଥି ସ୍ୱଦେଶୀ ଜ୍ଞାନ୍ କୌଶଲ୍‌ନେ ତିଆର୍ କରାଯାଇଥିବାର୍ 'ମେନ୍ ପୋର୍ଟେବୁଲ୍ ଆଂଟିଟେକ୍ ଗାଇଡେଡ୍ ମିଶାଇଲ୍ ୱିପନ୍ ସିଷ୍ଟମ୍'ର ପରୀକ୍ଷା ସଫଲ୍ ହେଇଛେ । ଇ ସିଷ୍ଟମ୍‌ଥି ଉତ୍‌କ୍ଷେପକ, ଲକ୍ଷ୍ୟଭେଦ ଆଉ ଅଗ୍ନି ନିୟନ୍ତ୍ରଣ ୟୁନିଟ୍ ରହିଛେ । ବହୁତ୍ ଥର ଇ ନୂଆଁ ସିଷ୍ଟମ୍‌ର ପରୀକ୍ଷା କରାଯାଇଛେ । ଗଲା ଶନିବାର୍ ଦିନ ରାଜସ୍ଥାନ୍‌ର ପୋଖରାନ୍ ଠାନେ ଇ ଯୁଦ୍ଧାସ୍ତ୍ର ବହନ୍‌କାରୀ ବିମାନ୍‌ର ଅଭ୍ୟାସ୍ ସଫଲତାର୍ ସହେତେ ପୁରା ହେଇଥିବାର୍ ଜନାପଡ଼ିଛେ । ଇ ସଫଲତାର୍ ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ- ଡିଆର୍‌ଡିଓ ଆଉ ଭାରତୀୟ ସେନାକେ ଅଭିନନ୍ଦନ୍ ଜନେଇଛନ୍ ।

କଂଗ୍ରେସ୍- ପ୍ରାର୍ଥୀ ଘୋଷ୍ନା          ଆର୍ଏନ୍ୟୁ /  ସମ୍ବଲପୁର

ସାଧାରଣ ନିର୍ବାଚନ୍ ଲାଗି କଂଗ୍ରେସ୍ ତର୍ଫୁ ୨ ନମ୍ବର୍ ଖେପେ ଓଡ଼ିଶାର୍ ୭୫ ଟା ବିଧାନ୍ସଭା ଆସନ୍ ଲାଗି ପ୍ରାର୍ଥୀ ଘୋଷ୍ନା କରାଯାଇଛେ । ଇତାର୍ ଆଘରୁ କଂଗ୍ରେସ୍ ତର୍ଫୁ ପହେଲା ଖେପେ ବିଧାନ୍ସଭା ଲାଗି ୪୭ ଝନ୍କର୍ ନାଁ ଘୋଷ୍ନା କରାଯାଇଥିଲା ।

ଘୋଷ୍ନା ଅନ୍ସାରେ କଂଗ୍ରେସ୍ ତର୍ଫୁ ଅଭିଷେକ ସେଠ୍ଙ୍କୁ ଅତାବିରା, ଦେବେନ୍ଦ୍ର ଭିତ୍ରିଆଙ୍କୁ ତଲ୍ସରା, କେଦାର୍ନାଥ ବରିହାଙ୍କୁ କୁଚିଣ୍ଡା, ଦିଲ୍ଲୀପ ଦୁରିଆଙ୍କୁ ରେଙ୍ଗାଲି, ଦୁର୍ଗାପ୍ରସାଦ୍ ପାଢ଼ୀଙ୍କୁ ସମ୍ବଲ୍ପୁର୍, ଆସଫ ଅଲ୍ଲୀ ଖାନ୍ଙ୍କୁ ରେଢ଼ାଖୋଲ୍ ସେମ୍ ହେମ୍ବ୍ରମ୍ଙ୍କୁ ଦେବ୍ଗଡ଼୍ ବିଧାନ୍ସଭା ଆସନ୍ନୁ ପ୍ରାର୍ଥୀ କରାଯାଇଛେ । ହେନ୍ତା ବିଜୟାନନ୍ଦ ଚାଉଲିଆଙ୍କୁ ଆଠ୍ମଲ୍ଲିକ୍, ପ୍ରଦୀପ୍ ସେଠୀଙ୍କୁ ବୀର୍ମହାରାଜ୍ପୁର୍, ପ୍ରିୟବ୍ରତ ସାହୁଙ୍କୁ ସୋନ୍ପୁର୍, ବୀରେନ୍ଦ୍ର ବାଗ୍ଙ୍କୁ ଟିଟିଲାଗଡ଼୍, କମଳ ଚରଣ ତାଣ୍ଡି ଙ୍କୁ ଖଡ଼ିଆଲ୍ ବିଧାନ୍ସଭା ଆସନ୍ନୁ କଂଗ୍ରେସ୍ ତର୍ଫୁ ପ୍ରାର୍ଥୀ କରାଯାଇଛେ । ଇଟାକେ ମିଶେଇକରି କଂଗ୍ରେସ୍ ଓଡ଼ିଶାର୍ ଶହ ୨୨ ଟା ବିଧାନ୍ସଭା ଆସନ୍ର ପ୍ରାର୍ଥୀ ଘୋଷ୍ନା କରିଛେ ।

ବିପର୍ଯ୍ୟୟ ଅନୁଭୂତି ଶିକ୍ଷଣ କେନ୍ଦ୍ର ଆର୍‌ଏନ୍‌ୟୁ / ସମ୍ବଲପୁର

ବିପର୍ଯ୍ୟୟ ମୁକାବିଲା ଲାଗି ରାଏଜେ ପହେଲା କରି ବିପର୍ଯ୍ୟୟ ଅନୁଭୂତି ଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବା । ଭୁବ୍‌ନେଶ୍ୱର୍ ଗୋଠପାଟଣା ନ ବନୁଥିବାର୍ ରାଜ୍ୟ ବିପର୍ଯ୍ୟୟ ପରିଚାଲନା ସଂସ୍ଥାନ୍ ଠାନେ ଇ କେନ୍ଦ୍ର ମୁଲ୍ କରାଯିବା । ଇଥିର୍‌ଲାଗି ବିଶ୍ୱବେଙ୍କ୍ ତର୍‌ଫୁ ସାହାଜ୍ ଯୁଗେଇ ଦିଆଯିବା ବଲି ଜନାପଡ଼ିଛେ । ବାତ୍ୟାପ୍ରବଣ ଓଡ଼ିଶାର୍ ଲୁକ୍‌କୁ ଆଗ୍‌ତୁରା ସୂଚନା ଦେବାର୍ ଆଉ ବାତ୍ୟା ବାବ୍‌ଦେ ଲୁକ୍‌କୁ ଜନାବାର୍ ଆଉ ତୟାରି କର୍‌ବାର୍ ଲାଗି ଇ ଶିକ୍ଷଣ କେନ୍ଦ୍ର କାମ୍ କର୍‌ବା ।

ସହର୍ ପ୍ରଦୂଷଣ ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅନୁଧ୍ୟାନ୍ ଅନ୍‌ସାରେ କଟକ୍, ନୟାଗଡ଼୍ ଆଉ ବାରିପଦା ସହେତେ ଦେଶର୍ ୧୭ ଟା ସହରର୍ ବାୟୁ ପ୍ରଦୂଷଣ୍ ଖରାପ୍ ଥିତିଥି ପୁହୁଁଚିଛେ । ଇତାର୍‌ବାହାରେ ଓଡ଼ିଶାର୍ ରାଉର୍‌କେଲା, ତାଲ୍‌ଚେର୍, ଅନୁଗୁଲ୍‌କେ ମିଶେଇକରି ୬ ଟା ସହର୍ ନ ଭିଲ୍ ବାୟୁର ଥିତି ଖରାପ୍ ରହିଥିବାର୍ ବୋର୍ଡ଼ ତର୍‌ଫୁ କୁହାଯାଇଛେ । ହେନ୍ତାକି

ଭୁବ୍‌ନେଶ୍ୱର୍, ରାଉର୍‌କେଲା ଆର୍ ତାଲ୍‌ଚେର୍ ବାଗିର୍ ସହର୍‌ର ବାୟୁର ମାନ ଦିଲ୍ଲୀର ସ୍ଥିତିନୁ ତଲେ ରହିଛେ । ବାୟୁମଣ୍ଡଲ୍‌ର ଛୋଟ୍ ଧୁଲିକଣାର ମାତ୍ରା ସବୁଠାନୁ ଅଏତ୍‌କା ରହିଥିବାର୍‌ନୁ ବାତାବରଣ୍ ଅସ୍ୱାସ୍ଥ୍ୟକର ହେଇଥିବାର୍ ଜନାପଡ଼ିଛେ ।

ଜଙ୍ଗଲ୍ ନିଆଁ                    ଆର୍‌ଏନ୍‌ୟୁ /  ସମ୍ବଲପୁର

ରାଏଜେ ୩ ଶହ ୨୦ ଟା ଜାଗା ନ ଜଙ୍ଗଲ୍ ଜଲୁଥିବାର୍ ଫରେଷ୍ଟ୍ ସର୍ଭେ ଅଫ୍ ଇଣ୍ଡିଆ- ଏଫ୍.ଏସ୍.ଆଇ. ତର୍‌ଫୁ ରାଜ୍ୟ ସର୍‌କାର୍‌ଙ୍କୁ ସୂଚ୍‌ନା ଦିଆଯାଇଛେ । ରିପୋର୍ଟ ପାଏବାର୍ ଉତ୍‌ରୁ ଜଙ୍ଗଲ୍ ବିଭାଗ୍ ତର୍‌ଫୁ ନିଆଁ ଲିଭାବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ମାଲ୍‌କାନ୍‌ଗିରି ଜିଲ୍ଲା ଚିତ୍ରକୋଣ୍ଡା, ମାଥିଲି, ବାଲିମେଲା, କାଲିମେଲା ଆଉ ଅଲ୍‌ଗା ଜାଗା ମାନ୍‌କର୍ ଜଙ୍ଗଲ୍ ନ ବଡ଼ ଧରଣ୍ ନିଆଁ ଲାଗିଥିବାର୍ ଜନାପଡ଼ିଛେ ।

ଆଂଚଲିକ୍ ସମ୍ବାଦ୍-ସମୟ ପରିବର୍ତ୍ତନ୍            ଆର୍‌ଏନ୍‌ୟୁ/ କଟକ୍

ସାଧାରଣ ନିର୍ବାଚନ୍ ଲାଗି ଭିନ୍ ଭିନ୍ ରାଜନୈତିକ୍ ଦଲ୍ ତର୍‌ଫୁ ଆକାଶ୍‌ବାଣୀ ଜରିଏ ସେମାନ୍‌କର୍ ଦଲର୍ ଆଭିମୁଖ୍ୟ ବାବ୍‌ଦେ

ପ୍ରସାରଣ୍ କରାଯାଉଛେ । ହେଥିର୍‌ଲାଗି ଆକାଶ୍‌ବାଣୀ କଟକ୍ କେନ୍ଦ୍ରନୁ ପ୍ରସାରଣ୍ ହେଉଥିବା ଆଂଚଲିକ୍ ସମ୍ବାଦ୍‌ର ସମିଆ ଆଏଜ୍ ଲାଗି ବଦ୍‌ଲାଯାଇଛେ । ଆଏଜ୍ ମଏଧାନର ଆଂଚଲିକ୍ ସମ୍ବାଦ୍ ଦିନର୍ ୨ ବାଜିକରି ୩୨ ମିନିଟ୍ ବଦ୍‌ଲା ଉପର୍‌ବେଲା ୪ ବଜେ ପ୍ରସାରଣ୍ କରାଯିବା ।

ଏସ୍‌ଭିଇଇପି ଆର୍‌ଏନ୍‌ୟୁ / ସମ୍ବଲପୁର

ଭୋଟ୍ ସମିଆଥି ମତଦାତାମାନ୍‌କୁ ସଚେତନ୍ କର୍‌ବାର୍‌କେ ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଏସ୍‌ଭିଇଇପି ଅଭିଯାନ୍ ଆୟୋଜନ୍ କରାଯାଇଥିଲା । ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ କରାଯାଇଥିବାର୍ ଇ ଅଭିଯାନ୍ ସମିଆଥି ଗୁରୁତ୍ୱପୂର୍ଣ୍ଣ ଜାଗାମାନ୍‌କେ ସେଲ୍‌ଫି ପଏଂଟ୍, ଜଲ୍‌ଛତ୍ର କରାଯାଇକରି ନାଗରିକ୍‌ମାନ୍‌କୁ ଗଣତାନ୍ତ୍ରର୍ ପରବ୍‌ଥି ସାମିଲ୍ ହେବାର୍‌କେ କୁହାଯାଇଥିଲା ।

ସମ୍ବଲ୍‌ପୁର୍ ଯୁଆନ୍ ଭୋଟର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଲୋକ୍‌ସଭା ଆଉ ବିଧାନ୍‌ସଭା ଲାଗି ହେବାର୍‌କେ ଥିବାର୍ ଭୋଟ୍‌ଥି ଇଥର ସମ୍ବଲ୍‌ପୁର୍ ଜିଲ୍ଲାର୍ ୪ ଟା ନିର୍ବାଚନ୍ ମଣ୍ଡଳୀ ନ ୧୮ ନୁ ୧୯ ବଛର୍ ବୟସର୍ ୨୧ ହଜାର୍ ଶହେ ୭୯ ଝନ୍‌କୁ ମିଶେଇକରି ୭୪ ହଜାର୍ ୪ ଶହ ୨୪ ଝନ୍ ନୂଆଁ ମତଦାତା ସାମିଲ୍ ହେଇଥିବାର୍ ଜନାପଡ଼ିଛେ । ଇଥର ଚାର୍‌ହି ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀ ନ ପହେଲା କରି ୫ ଟା ଲେଖା ବୁଥ୍ ଯୁଆନ୍ ମାନ୍‌କର୍ ଦ୍ୱାରା ପରିଚାଲିତ୍ ହେବା । ଗଲା ଜାନୁଆରୀ ମାସୁ ଉଚ୍ଚତର ମାଧ୍ୟମିକ ସ୍କୁଲ୍, କଲେଜ୍ ଆଉ ବିଶ୍ୱବିଦ୍ୟାଳୟମାନ୍‌କର୍ ୧୮ ବରସ୍‌ନୁ ଅଏତ୍‌କା ବୟସର୍ ଛାତ୍ରଛାତ୍ରୀମାନ୍‌କୁ ଭୋଟର୍ ତାଲିକାଥି ନାଁ ପଞ୍ଜିକରଣ୍ କରାବାର୍‌କେ ସଚେତନତା ଅଭିଯାନ୍ କରାଯାଇଥିଲା ।

ଜିଲ୍ଲା ନ ୯ ଶହ ୪୮ ଟା ବୁଥ୍ ନ ଭୋଟ୍ ନିଆଯିବା । ଇତାର୍ ଭିତ୍‌ରୁ ଶହେ ୨୨ ଟା ମହିଳା ପରିଚାଲିତ୍ ସଖୀ ବୁଥ୍, ୨୦ ଟା ଯୁବ ପରିଚାଲିତ୍ ବୁଥ୍ ଆଉ ୪ ଟା ବୁଥ୍ ଦିବ୍ୟାଙ୍ଗ ମାନ୍‌କର୍ ଜରିଏ ପରିଚାଳନା କରାଯିବା । ହେନ୍ତା ଜିଲ୍ଲାର୍ ଶହେ ୮୯ ଟା ଆଦର୍ଶ ବୁଥ୍ କରାଯିବା ବଲି ନିର୍ବାଚନ୍ କାର୍ଯ୍ୟାଳୟ ସୂତ୍ରନୁ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

କାଲ୍‌ବୈଶାଖୀର୍ ବଲେ ଗଲା କିଛି ଦିନ୍ ହେଲା ତାତିନୁ ନିସ୍ତାର୍ ମିଲ୍‌ବାର୍ ଉତ୍‌ରୁ ରାଏଜେ ଫେର୍‌ଘାଏ ଗ୍ରୀଷ୍ମପ୍ରବାହ ମୁଲ୍ ହେଇଛେ । ଆଏବା ୨୦ ତାରିଖ୍‌ତକ୍ ସମ୍ବଲ୍‌ପୁର୍, ବଲାଙ୍ଗିର୍, ସୋନ୍‌ପୁର୍, ବୌଦ୍ଧ, ବର୍‌ଗଡ଼୍, କଲାହାଣ୍ଡି, କନ୍ଧମାଲ୍ ଜିଲ୍ଲା ନ ତାତି ବଢ଼୍‌ବା । ଆଏଜ୍‌ଠାନୁ ୧୮ ତାରିଖ୍‌ତକ୍ ବୌଦ୍ଧ ଆର୍ ସମୁଦ୍ରକୁଲିଆ ଜିଲ୍ଲାମାନ୍‌କୁ ଜବର୍ ତାତିର୍ ଲାଗି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ରାଜ୍ୟକେ ଉତର୍ ପଶ୍ଚିମ ଦିଗୁ ଗରମ୍ ପବନ୍ ବୁହୁଥିବାର୍‌ନୁ ଆଏଜ୍‌ଠାନୁ ରାଏଜେ ତାତି ବଢ଼୍‌ବା । ହେନ୍ତାକି ଆଗ୍‌କେ ତାତି ୪ ନୁ ୬ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ବଢ଼୍‌ବା ଆଉ ରାଜ୍ୟର୍ ଭିତ୍‌ରିଆ ଇଲାକାର୍ କେତେଟା ଜାଗା ନ ତାପମାତ୍ରା ୪୨ ଡିଗ୍ରୀ ତକ୍ ବଢ଼ିପାରେ ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।